


# ସବୁଜଗିରି

SABUJAGIRI

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

A Quarterly Newsletter of KVK, GAJAPATI, ODISHA

ତୃତୀୟ ବର୍ଷ | ସଂଖ୍ୟା-୧-୨ | ଜାନୁୟାରୀ - ଜୁନ୍ ୨୦୧୦


## କୃଷି ବିଜ୍ଞାନ କେନ୍ଦ୍ରର ତୃତୀୟ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ

ଗଜପତି କୃଷି ବିଜ୍ଞାନ କେନ୍ଦ୍ରର ତୃତୀୟ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ୨୫.୦୨.୨୦୧୦ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ନିର୍ଦ୍ଦେଶାଳୟର ପ୍ରମୁଖ ନିର୍ଦ୍ଦେଶକ ଡକ୍ଟର ଆର.କେ. ରାଜ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ



ବିଭାଗୀୟ ମୁଖ୍ୟ ପ୍ରତିନିଧି, ଗବେଷଣା କେନ୍ଦ୍ର, ବୈଜ୍ଞାନିକମାନେ, ଗଣମାଧ୍ୟମ ଏବଂ ଚାଷୀ ଓ ମହିଳା ଚାଷୀ ଯୋଗ ଦେଇଥିଲେ । କୃଷିବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜିକା ଡଃ ଶ୍ରୀମତି ବିଷ୍ଣୁପ୍ରିୟା ମିଶ୍ର ୨୦୦୯-୧୦ର ବାର୍ଷିକ ପ୍ରଗତି ଏବଂ ୨୦୧୦-୧୧ ବର୍ଷର କାର୍ଯ୍ୟ ଖସଡ଼ା ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ବିଭାଗୀୟ ବୈଜ୍ଞାନିକମାନେ ମଧ୍ୟ ବିଶଦଭାବେ କ୍ଷେତ୍ରପରୀକ୍ଷଣ, ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ଏବଂ ପ୍ରଶିକ୍ଷଣ ତଥା କୃଷି ପରାମର୍ଶ ମାଧ୍ୟମରେ କୃଷି କୌଶଳ ପ୍ରସାର ବିବରଣୀ ଉପସ୍ଥାପନ କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ଯଥେଷ୍ଟ ଚର୍ଚ୍ଚା କରାଯାଇ କାର୍ଯ୍ୟଖସଡ଼ା ପ୍ରସ୍ତୁତି ପାଇଁ ପରାମର୍ଶ ଦିଆଯାଇଥିଲା । ଖାଦ୍ୟ ନିରାପତ୍ତା ଉଦ୍ଦେଶ୍ୟରେ ଡାଲି ଫସଲ ଏବଂ ଅଦିନିଆ ପନିପରିବା ଚାଷର ବହୁଳ ପ୍ରସାର ପାଇଁ ଉନ୍ନତ ଚାଷ ପ୍ରଣାଳୀର ସଂପ୍ରସାରଣ ଦିଗରେ



ବୈଜ୍ଞାନିକ ମାନଙ୍କର ପ୍ରତ୍ୟକ୍ଷ ପରାମର୍ଶର ଆବଶ୍ୟକତାକୁ ଗୁରୁତ୍ୱାରୋପ କରାଯାଇଥିଲା ।

## "ଅଦିନିଆ ପନିପରିବା ଉତ୍ପାଦନ" ଆଦିବାସୀଙ୍କ ପାଇଁ ସଫଳ ପ୍ରଚେଷ୍ଟା

କୃଷି ବିଜ୍ଞାନ କେନ୍ଦ୍ରର ବୈଷୟିକ ଜ୍ଞାନକୌଶଳ, କ୍ଷେତ୍ର ପ୍ରଦର୍ଶନ ତଥା ପ୍ରଶିକ୍ଷଣ ଦ୍ୱାରା ଆର.ଉଦୟଗିରି, ମୋହନା, ଗୁମ୍ମା ବ୍ଲକର ଚାଷୀମାନେ ୫୦ଜଣରୁ ଅଧିକ ଚାଷୀ ବର୍ଷସାରା



ବିଲାତି ବାଇଗଣ, ଫୁଲକୋବି ଏବଂ ମୂଳା ଚାଷରୁ ଯଥେଷ୍ଟ ଲାଭବାନ୍ ହୋଇପାରୁଛନ୍ତି । ଏମାନଙ୍କର ଏହି ସଫଳତାରେ ଆକର୍ଷିତ ଅନେକ ଚାଷୀ କୃଷିବିଜ୍ଞାନ କେନ୍ଦ୍ର ତଥା ଏହି ଆଗୁଆ ଚାଷୀମାନଙ୍କ ସହ ଯୋଗାଯୋଗ କରି ଅଦିନିଆ ପନିପରିବା ଉତ୍ପାଦନ ଦିଗରେ ପ୍ରଚେଷ୍ଟା କରୁଛନ୍ତି । ଏହି ଚାଷୀମାନଙ୍କୁ ନେଇ କୃଷକ ଗୋଷ୍ଠୀ ମଧ୍ୟ ଗଠନ କରାଯାଇଛି ଯାହା ମାଧ୍ୟମରେ ସମୟୋପଯୋଗୀ ଜ୍ଞାନକୌଶଳ ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା କୃଷି ପରାମର୍ଶ ସେବା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଉଛି । ଏଥିସହିତ ଅଦିନିଆ ବିହନ ଚାଷ ସଂପର୍କିତ ଉନ୍ନତ କୃଷିକୌଶଳ ସମ୍ବନ୍ଧିତ ଅଭିଜ୍ଞ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ଯାହାଦ୍ୱାରା ବର୍ତ୍ତମାନ ପ୍ରାୟ ୩୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଅଦିନିଆ ବିହନ ଚାଷରୁ ଯଥେଷ୍ଟ ଲାଭବାନ୍ ହୋଇପାରୁଛନ୍ତି ।

## କାଜୁବାଦାମର ସମନ୍ୱିତ ଖାଦ୍ୟସାର ପରିଚାଳନା

ଗଜପତି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗ୍ରାମରେ କାଜୁ ଫସଲର ଉତ୍ପାଦନ ବୃଦ୍ଧି ପାଇଁ ସମନ୍ୱିତ ଖାଦ୍ୟସାର ପରିଚାଳନା ଉପରେ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଗଛପ୍ରତି ୧୫ କେଜି କମ୍ପୋଷ୍ଟ ଖତ, ୫୦୦:୧୨୫:୧୬୫ ଗ୍ରାମ୍ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ସାର ଏବଂ ଅଣୁସାର ବୋରାକ୍ସ ୨ ମି.ଲି.



ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରାଯିବା ଦ୍ୱାରା ଗଛପ୍ରତି ୬ କେଜି କାଜୁ ଅମଳ ହୋଇଥିବା ବେଳେ ପୂର୍ବରୁ ଅତିବେଶୀରେ ଗଛପ୍ରତି ୩.୫ କେଜି ଅମଳ କରୁଥିଲେ । ଏହି ସଫଳତାରେ ଅନୁପ୍ରାଣିତ ହୋଇ ୨୦୦୮-୧୦ ମଧ୍ୟରେ ୫୦୦ ରୁ ଅଧିକ କାଜୁଚାଷୀ ଫସଲରେ ସମନ୍ୱିତ ଭାବେ ଖାଦ୍ୟସାର ପ୍ରୟୋଗ କରୁଛନ୍ତି ।


## କୃଷକମେଳା ଓ କୃଷି ପ୍ରଦର୍ଶନୀ

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ଦ୍ୱାରା ଏକ କୃଷକମେଳା ତା. ୨୫.୩.୧୦ରେ ରା.ଉଦୟଗିରିଠାରେ ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ବୈଷୟିକ କାର୍ଯ୍ୟକ୍ରମକୁ ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା ଏବଂ ସଂପ୍ରସାରଣ ପୁସ୍ତିକାମାନ ବଣ୍ଟନ କରାଯାଇଥିଲା । ବିଭାଗୀୟ କର୍ମଚାରୀମାନେ ଯୋଗଦେଇ ସେମାନଙ୍କର ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଅମଳ ବଢାଇବା ପାଇଁ ଜିଆଖତ ବ୍ୟବହାର, ସନ୍ତୁଳିତ ଖାଦ୍ୟସାର, ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି, ଛତୁଚାଷ, ମହୁଚାଷ ଆଦି ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ସଂଯୋଜିକା ଡଃ ମିଶ୍ର ପୌରହିତ୍ୟ କରିଥିଲେ ଏବଂ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ତଥା ବନ ସଂରକ୍ଷକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।



## ଏମାନେ କହନ୍ତି -
## ଜିଆ ବ୍ୟବହାର ଦ୍ୱାରା ଗୁଣାତ୍ମକ କମ୍ପୋଷ୍ଟ ଅତି ଉତ୍କୃଷ୍ଟ

ଉଦୟଗିରି ବ୍ଲକ୍‌ର ଲୁବୁରସିଙ୍ଗ୍ ଓ ଶବରପଲ୍ଲୀ ଗ୍ରାମରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଖତର ମାନ ବୃଦ୍ଧି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ଦ୍ୱାରା





ସ୍ୱଳ୍ପ ଖର୍ଚ୍ଚରେ ସିମେଣ୍ଟ ନନ୍ଦ ବ୍ୟବହାର କରି ଜିଆ ଦ୍ୱାରା ଉନ୍ନତ ଗୁଣାତ୍ମକ ଖତ ପ୍ରସ୍ତୁତିର କ୍ଷେତ୍ର ପ୍ରଦର୍ଶନ ହୋଇଥିଲା ଏବଂ ଏହା ମାଧ୍ୟମରେ ଚାଷୀମାନେ ଉନ୍ନତ ଜିଆଖତ ପ୍ରସ୍ତୁତି ଏବଂ ଏହାର ବ୍ୟବହାର ବିଷୟରେ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରଶିକ୍ଷଣ ପାଇଥିଲେ । ଏହି ପ୍ରଦର୍ଶନରେ ୪ ମାସ ମଧ୍ୟରେ ଏକ ଘନମିଟର ଜିଆ ଖତ ପ୍ରସ୍ତୁତି କୁଣ୍ଡରୁ ହାରାହାରି ୩ କ୍ୱିଣ୍ଟାଲ୍ ଖତ ଏବଂ ୫ କେ.ଜି. ଜିଆ ଅମଳ କରିପାରିଛନ୍ତି । ଜିଆ ଖତକୁ ପନିପରିବା ଚାଷରେ ବ୍ୟବହାର କରି ଚାଷ ଖର୍ଚ୍ଚ କମାଇବା ସହ ଜିଆକୁ କିଲୋଗ୍ରାମ ପ୍ରତି ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି ଏବଂ କୁକୁଡା ଖାଦ୍ୟର ବିକଳ୍ପ ଭାବରେ ମଧ୍ୟ ବ୍ୟବହାର କରୁଛନ୍ତି । ଏହି ସହଜ ପ୍ରଣାଳୀରେ ଗୋସମ୍ପଦପରିପୂର୍ଣ୍ଣ ଏହି ଗ୍ରାମାମାନଙ୍କରେ ଜିଆ ଖତ ପ୍ରସ୍ତୁତି ଓ ବ୍ୟବହାର ଯଥେଷ୍ଟ ଆଦୃତ ଲାଭ କରିଛି ।



## ଦୂରଶିକ୍ଷା ଓ ଇ-କୃଷି ସନ୍ଦେଶ ସେବା



ଚାଷୀମାନଙ୍କ ନିକଟରେ ଜ୍ଞାନକୌଶଳ ଓ ସଂପ୍ରସାରଣ ପୁସ୍ତିକା ପହଞ୍ଚେଇବା ପାଇଁ ଦୂରଶିକ୍ଷା ଓ ଇ-କୃଷି ସନ୍ଦେଶ ସେବା କୃଷି ବିଜ୍ଞାନ କେନ୍ଦ୍ର, ରା.ଉଦୟଗିରି ପକ୍ଷରୁ ଆରମ୍ଭ ହୋଇଛି । ଏହି ସେବା ମାଧ୍ୟମରେ ୨୦୦ରୁ ଅଧିକ ଚାଷୀ ବିଭିନ୍ନ କୃଷି ଆନୁସଙ୍ଗିକ ଧନ୍ଦା ଉପରେ ନିୟମିତ କୃଷିବାର୍ତ୍ତା ପାଇପାରୁଛନ୍ତି । ଅଧିକାଂଶ ଚାଷୀ ମୋବାଇଲ୍ ଫୋନ୍ ମାଧ୍ୟମରେ ଏହି ପରାମର୍ଶ ସମ୍ପର୍କରେ ସବିଶେଷ ତଥ୍ୟ ପାଇ ନିଜ କୃଷିକାର୍ଯ୍ୟରେ ପ୍ରୟୋଗ କରିପାରୁଛନ୍ତି । ଏତଦ୍ ବ୍ୟତୀତ ଚାଷୀମାନେ ଗୋପାଳନ, ମତ୍ସ୍ୟଚାଷ, ମହୁଚାଷ, ଫଳଚାଷ, କୁକୁଡା ପାଳନ, ଧାନଚାଷ, ପନିପରିବା ଚାଷ ଆଦି କ୍ଷେତ୍ରରେ ନିଜର ନାମ ପଞ୍ଜୀକରଣ କରିପାରିଛନ୍ତି ।  ପାଠ୍ୟଖସଡା ସଂପୂର୍ଣ୍ଣ କରିଥିବା ଚାଷୀମାନଙ୍କୁ ଆଗାମୀ ବର୍ଷ ସ୍ୱତନ୍ତ୍ର ସମାରୋହରେ ପ୍ରମାଣ ପତ୍ର ବଣ୍ଟନ କରାଯିବାର ଆୟୋଜନ କରାଯାଉଛି ।

## ମକା ଓ ଅଳସୀ ଡାଙ୍ଗର ସଦୁପଯୋଗ - 'ଧିଙ୍ଗିରି ଛତୁଚାଷ'



ଗଜପତି ଜିଲ୍ଲାରେ ମକା ଓ ଅଳସୀ ବହୁଳ ଭାବରେ ଚାଷ କରାଯାଏ । ଅମଳ ପରେ ମକା ଓ ଡିଳା ଡାଙ୍ଗ କୌଣସି କାମରେ ନଲାଗି ନଷ୍ଟ ହୋଇଥାଏ । ଏହି ଡାଙ୍ଗର ସଦୁପଯୋଗ ଓ ମହିଳାମାନଙ୍କର ସଶକ୍ତିକରଣ ପାଇଁ ଏକ କ୍ଷେତ୍ର ପରୀକ୍ଷଣ ଶବରପଲ୍ଲୀରେ ଓ ଗୋବିନ୍ଦପୁର ଗ୍ରାମଠାରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳାଚାଷୀମାନଙ୍କୁ ମାଗଣାରେ ଛତୁମଞ୍ଜି ଓ ଜରି ଯୋଗାଇ ଦିଆଯାଇଥିଲା । ଧିଙ୍ଗିରି ଛତୁଚାଷ କରି ମହିଳାମାନେ ମାତ୍ର ୪୦ ଦିନ ମଧ୍ୟରେ ପ୍ରତି ବେଡ୍‌ରୁ ହାରାହାରି ୧.୨ କେଜି ଛତୁ ଅମଳ ପାଇଥିଲେ ଯାହାର ମୂଲ୍ୟ ୬୦ ଟଙ୍କା ହୋଇଥିବା ବେଳେ ଖର୍ଚ୍ଚର ପରିମାଣ ବେଡ୍ ପିଛା ମାତ୍ର ୨୦ ଟଙ୍କା ହୋଇଥିଲା । ଏହାଦ୍ୱାରା ସେମାନଙ୍କର ପାରିବାରିକ ଆୟ ବଢିବା ସହ ଅବସର ସମୟ ମଧ୍ୟ ବିନିଯୋଗ ହୋଇପାରିଛି ।





## କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବୈଷୟିକ ସପ୍ତାହ ପାଳନ



ଆଧୁନିକ ଜ୍ଞାନକୌଶଳର ବହୁଳ ପ୍ରସାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ରା.ଉଦୟଗିରି ପକ୍ଷରୁ ତା. ୦୪.୦୧.୧୦ ରୁ ୧୦.୧.୧୦ ମଧ୍ୟରେ ଗୋବିନ୍ଦପୁର, ସିକୁଳିଦତର, ନିବରଡା, ଶବରୀପଲ୍ଲୀ, ସୁଣ୍ଡୁରୁବା, ପି.ଅନ୍ତରଡା ଗ୍ରାମଠାରେ କୃଷି ବୈଷୟିକ ସପ୍ତାହ ପାଳିତ ହୋଇଥିଲା । ଏହି ସପ୍ତାହରେ ଶୋଭାଯାତ୍ରା, କୃଷକମେଳା ତାଲିମ୍, କୃଷକ ଓ ବୈଜ୍ଞାନିକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ୫୦୦ ରୁ ଉର୍ଦ୍ଧ୍ୱ ଚାଷୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଆବଶ୍ୟକ ବୈଷୟିକ ଜ୍ଞାନ ଓ ତାଲିମ୍ ପାଇବା ସହ ସେମାନଙ୍କର ବିଭିନ୍ନ କୃଷିଭିତ୍ତିକ ସମସ୍ୟା ଆଲୋଚନା କରି ଆବଶ୍ୟକ ପରାମର୍ଶ ପାଇଥିଲେ ।

## 'ଚିଲିକା' ମାଣ୍ଡିଆର ନୂଆ ଉନ୍ନତ କିସମ ଚାଷୀଙ୍କ ଦ୍ୱାରା ଆଦୃତ

ଖରିଫ୍ ୨୦୦୮ ଓ ୨୦୦୯ରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ଦ୍ୱାରା ଉଭୟ କ୍ଷେତ୍ର ପରୀକ୍ଷଣ ଓ ପ୍ରଦର୍ଶନ ମାଧ୍ୟମରେ ମାଣ୍ଡିଆର ଉନ୍ନତ କିସମ 'ଚିଲିକା' ଅଧିକ ଅମଳକ୍ଷମତା ହେତୁ ଚାଷ କରାଯାଇଥିଲା ଏବଂ ଏହାର ଅଧିକ ଅମଳକ୍ଷମତା ଯୋଗୁଁ ଚାଷୀମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏକର ପିଛା ବିହନ ୪ କେ.ଜି., ସାର ୫୦:୪୦:୨୫ କେ.ଜି. ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ଏବଂ ଅନୁମୋଦିତ ଖତ (୨



ଟନ୍) ପ୍ରୟୋଗ କରାଯିବା ଦ୍ୱାରା ଚାଷୀମାନଙ୍କ ଅମଳ ଏକର ପିଛା ହାରାହାରି ୬.୪ କ୍ୱିଣ୍ଟାଲ୍ ହୋଇଥିବା ବେଳେ ପାରମ୍ପାରିକ ବିହନ ଓ ଚାଷ ପଦ୍ଧତି ଯୋଗୁଁ ଚାଷୀମାନେ ଅତିବେଶୀରେ ଏକର ପିଛା ୪ କ୍ୱିଣ୍ଟାଲ୍ ଅମଳ କରୁଥିଲେ । ଏହା ଦ୍ୱାରା ଏକର ପ୍ରତି ହାରାହାରି ଅମଳ ୬୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ଚାଷୀମାନେ ମାଣ୍ଡିଆ ଫସଲରୁ ଅଧିକ ଲାଭାଂଶ ପାଇ ପାରିଛନ୍ତି, ଯାହା ସେମାନଙ୍କର ପାରିବାରିକ ଆୟବୃଦ୍ଧିରେ ସହାୟକ ହୋଇପାରିଛି ।

## ବିଶେଷ ସଂପ୍ରସାରଣ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀମାନଙ୍କ ମଧ୍ୟରେ ସଚେତତନା ସୃଷ୍ଟି ଉଦ୍ଦେଶ୍ୟରେ ଅକ୍ଷୟ ତୃତୀୟା ବିଶ୍ୱ ପରିବେଶ ଦିବସ ଓ ଆନ୍ତର୍ଜାତିକ ମହିଳା ଦିବସ ପାଳନ ସହ ମାଟି ପରୀକ୍ଷା ପ୍ରସାର ଅଭିଯାନ ଆୟୋଜିତ କରାଯାଇଥିଲା । ଏଥିରେ ଶତାଧିକ କୃଷକ ଓ ମହିଳାଚାଷୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାନଙ୍କରେ ଖରାଟିଆ ଚାଷର ଗୁରୁତ୍ୱ, ବିହନ ଗଜାର ପରୀକ୍ଷା, ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଜୈବିକ କୀଟନାଶକର ପ୍ରୟୋଗ ଜୈବିକ କୃଷି, ବୃକ୍ଷରୋପଣ, ସାଇତା ଖାଦ୍ୟଶସ୍ୟର ଯତ୍ନ, ମହିଳାମାନଙ୍କର ପାରିବାରିକ ଆୟ ବୃଦ୍ଧି ପାଇଁ ଛତୁଚାଷ, କୁକୁଡା ଚାଷ ଓ ମହୁମାଛି ପାଳନ ଏବଂ ଶ୍ରମଲାଘବ ପାଇଁ କୃଷି କ୍ଷେତ୍ରରେ ବିଭିନ୍ନ କ୍ଷୁଦ୍ର ଯନ୍ତ୍ରପାତିର ବ୍ୟବହାର ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦତ୍ତ ଜ୍ଞାନକୌଶଳ ଚାଷୀମାନଙ୍କ ଭିତରେ ଆଦୃତ ହୋଇପାରିଛି ।




**ପ୍ରକାଶକ ଓ ମୁଖ୍ୟ ସଂପାଦକ : ଡଃ ଶ୍ରୀମତୀ ବିଷ୍ଣୁପ୍ରିୟା ମିଶ୍ର**

**ସମ୍ପାଦକ : ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା**

**ସମ୍ପାଦନା ମଣ୍ଡଳୀ : ଶ୍ରୀ ଡେଭିଡ୍ ଜେମ୍ସ ବାଗେ,**
**ଶ୍ରୀ ବିମାନ ରଞ୍ଜନ ବେହେରା,**
**ଶ୍ରୀ ମାନସ ରଂଜନ ପଟ୍ଟନାୟକ**


**ପ୍ରାପ୍ତେଷୁ**


ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି, ରା.ଉଦୟଗିରି - ୭୬୧୦୧୬
ଫୋନ୍ - ୦୬୮୧୭୨ - ୪୦୩୬୨
Email : gajapatikvk@yahoo.co.in



ଛପା - ୫୦୦